କଣ୍ଟାପଡ଼ାରେ ଷଣ୍ଢ ଉପଦ୍ରବକୁ ନେଇ ତୀବ୍ର ଅସନ୍ତୋଷ

# ଜନଶୁଣାଣି ବେଳେ ଗେଟ୍‌ରେ ଷଣ୍ଢ ଛାଡ଼ିଦେଲେ ଚାଷୀ

କଣ୍ଟାପଡ଼ା,୧୨।୧(ସମିସ):

କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ଦିନକୁ ଦିନ ଷଣ୍ଢଙ୍କ ଉପଦ୍ରବ ବଢ଼ିବା ସହ ଜନଜୀବନ ଅତିଷ୍ଠ ହୋଇପଡ଼ିଛି। ବିଗତ ୩ ବର୍ଷ ମଧ୍ୟରେ ଷଣ୍ଢ ଆକ୍ରମଣରେ ଜଣେ ଡାକ୍ତର, ଜଣେ ବ୍ୟାଙ୍କ ପରିଚାଳକ, ଜଣେ ପୁଲିସ କର୍ମଚାରୀ ଓ ତିନି ଜଣ ଚାଷୀ ପ୍ରାଣ ହରାଇବା ସହ ନିୟମିତ ଦୁର୍ଘଟଣା ଘଟୁଛି। ଏଥିସହିତ ବ୍ୟାପକ ଫସଲ ନଷ୍ଟ ହେବା ଯୋଗୁଁ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ଗୋଶାଳା ନିର୍ମାଣ ପାଇଁ ୨୦୨୨ ମସିହାରୁ ୫୨ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନ ହେବାରୁ ଚାଷୀମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ସମସ୍ୟାର ସମାଧାନ ନ ହେବାରୁ ଜିଲ୍ଲା ପରିଷଦ ସଭ୍ୟ ପିୟୁଷ ମିଶ୍ର ଚଳିତ ମାସ ୭ ତାରିଖରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଏହି ପ୍ରସଙ୍ଗ ଉଠାଇ ଉପଦ୍ରବକାରୀ ଷଣ୍ଢଙ୍କୁ ରାଜପଥରେ ଛାଡ଼ିଦେବାକୁ ଚେତାବନୀ ଦେଇଥିଲେ। ଆଜି କଣ୍ଟାପଡ଼ା



ବ୍ଲକରେ ଆୟୋଜିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବରୁ ଏକ ଚାଞ୍ଚଲ୍ୟକର ପରିସ୍ଥିତି ଦେଖିବାକୁ ମିଳିଥିଲା। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଷଣ୍ଢଙ୍କୁ ଏକତ୍ରିତ କରି ଚାଷୀମାନେ ବ୍ଲକ କାର୍ଯ୍ୟାଳୟର ସମ୍ମୁଖ ଗେଟ୍ ଆଗରେ ଛାଡ଼ି ଦେଇଥିଲେ। ଏଥିରେ ପ୍ରଶାସନିକ ଅଧିକାରୀମାନେ ଭୟଭୀତ ହୋଇ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଗେଟ୍ ପାଖକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ପିଡି ପ୍ରଶାନ୍ତ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ ସାହୁ ଏବଂ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଦୀର୍ଘ ଆଲୋଚନା ପରେ ଚାଷୀମାନେ ଶାନ୍ତ ପଡ଼ିଥିଲେ ଏବଂ ଷଣ୍ଢମାନଙ୍କୁ ପ୍ରାଣୀ ଚିକିତ୍ସା ବିଭାଗକୁ ଜିମା ଦେଇଥିଲେ। ଏହି ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଅନୁପସ୍ଥିତ ଥିଲେ ହେଁ ମୋଟ ୧୩୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଶିବିରରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ବିଡିଓ ସ୍ୱପ୍ନିତା ନାୟକ, କଟକ ସଦର ଆରକ୍ଷୀ ଅଧିକ୍ଷକ ବିଜୟ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ ସାହୁ, ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲ, ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡ଼ା ଏବଂ ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ନାଥ ବରାଳଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ପ୍ରଶାସନ ପକ୍ଷରୁ ଷଣ୍ଢ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

## ଗାଁ ସାଥୀଙ୍କୁ ଅଣଦେଖା ପ୍ରତିବାଦରେ ବୈଠକ



ଟାଙ୍ଗୀ,୧୨।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗାଁସାଥୀ ମେଟ୍ ସଂଘର ଏକ ବୈଠକ ଟାଙ୍ଗୀ ସ୍ଥିତ ହନୁମାନ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଟକ ଜିଲ୍ଲା ଆବାହକ ଉମେଶ ଚନ୍ଦ୍ର ସାମଲ ଓ ଜିଲ୍ଲା କୋର କମିଟି ସଦସ୍ୟା ଜ୍ୟୋତ୍ସ୍ନାରାଣୀ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗାଁସାଥୀ ନିଯୁକ୍ତି ହୋଇ ବିଭିନ୍ନ ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ସରକାର ଉକ୍ତ ଯୋଜନା ବଦଳରେ ବିକଶିତ ଭାରତ ଜି ରାମ ଜି ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଗାଁସାଥୀଙ୍କୁ ସରକାରୀସ୍ତରରେ ଅଣଦେଖା କରାଯାଉଛି। ଯାହା ଫଳରେ ନିଯୁକ୍ତି ପାଇଥିବା ଯୁବକ ଯୁବତୀ କାମ ନ ପାଇ ନିରାଶ ହେଉଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୭ ତାରିଖରେ ବ୍ଲକ ବିଡିଓ ଓ ଏପିଓଙ୍କ ଏକ ଦାବିପତ୍ର ଦିଆଯିବ। ଯଦି ସରକାର ଏହାକୁ କାର୍ଯ୍ୟକାରୀ ନ କରନ୍ତି ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଜିଲ୍ଲା ଆବାହକ ଶ୍ରୀ ସାମଲ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପଞ୍ଚାୟତର ଗାଁସାଥୀ ଯୋଗଦେଇ ନିଜର ସମସ୍ୟା ଉପରେ ଆଲୋକପାତ କରିଥିଲେ।

## ସିଂହନାଥ ପୀଠକୁ ଅସ୍ଥାୟୀ ପାଦଚଲା ରାସ୍ତା ଉଦଘାଟିତ



ବଡମ୍ବା,୧୨।୧(ସମିସ): ବଡମ୍ବାର ଆରାଧ୍ୟ ସିଂହନାଥଙ୍କ ପୀଠରେ ପବିତ୍ର ମକର ମେଳା ଅସ୍ଥାୟୀ ପୋଲ ନିର୍ମାଣ କାର୍ଯ୍ୟ ଆଜି ସମ୍ପୂର୍ଣ୍ଣ ହୋଇଛି। ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ପୂଜାର୍ଚ୍ଚନା ପୂର୍ବକ ଅସ୍ଥାୟୀ ପାଦଚଲା ରାସ୍ତାକୁ ଫିତା କାଟି ଉଦଘାଟନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଏବଂ ବଡମ୍ବା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରଘୁପତି ମହାନ୍ତି ଉପସ୍ଥିତ ଥିଲେ। ଆସନ୍ତା ୧୪ ତାରିଖ ସଂକ୍ରାନ୍ତି ଠାରୁ ସିଂହନାଥଙ୍କ ପୀଠରେ ପବିତ୍ର ମକର ମେଳା ପାଇଁ ୪ଦିନ ଟି-ସେତୁ ବନ୍ଦ ରହିବ। ଚଳିତ ବର୍ଷ ମକର ମେଳାରେ ଲକ୍ଷାଧିକ ଭକ୍ତଙ୍କର ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନସ୍ତରରେ ବ୍ୟାପକ ପ୍ରସ୍ତୁତି ହୋଇଛି। ଉଭୟ ବାଙ୍କୀ ଓ ବଡମ୍ବା ପ୍ରଶାସନ ଏଥିନେଇ ସଜାଗ ଅଛନ୍ତି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୧୨।୧(ସମିସ):** ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ପଞ୍ଚାୟତ ପଶ୍ଚିମଖଣ୍ଡ ଭୋଳ (ମିରାସାହି) ଗ୍ରାମର ଶିବ ପ୍ରସାଦ ମଲିକଙ୍କ ପୁତ୍ର ସୁକାନ୍ତ ମଲିକ (୨୬)ଙ୍କ ଦୁର୍ଘଟଣାଜନିତ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ସୁକାନ୍ତ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଗତ ଶନିବାର ରାତିରେ ପୀର ବଜାରରୁ କାର୍ଯ୍ୟ ସାରି ବୁଲେଟ୍ ଯୋଗେ ଘରକୁ ଫେରୁଥିବା ବାଟରେ କଟକ-ଚାନ୍ଦବାଲି ରାସ୍ତା କୁଲିଆ ନିକଟରେ ଏକ ସାଇକଲ ଆରୋହୀ ସହିତ ଧକ୍କା କରିଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ବୁଲେଟ ଚାଳକ ସୁକାନ୍ତଙ୍କର ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲ ପଠାଇଥିଲେ। ତାଙ୍କ ମୃତ୍ୟୁରେ ଏ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ଶୋକକୂଳ ପରିବେଶରେ ଆସି ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା। ସାନ ଭାଇ କେଶବ ମଲିକ ମୁଖାଗ୍ନି ଦେଇଥିଲେ।

## ୧୭ ଛେଳି ଚୋରି କରିନେଲେ ଦୁର୍ବୃତ୍ତ

**କଣ୍ଟାପଡା,୧୩।୧(ସମିସ):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ବ୍ରାହ୍ମଣବାଟି ଗ୍ରାମର ଗେଦ ଭୋଇଙ୍କ ଛେଳି ଗୁହାଳରୁ ଗତ କାଲି ବିଳମ୍ବିତ ରାତିରେ ୧୭ଟି ଛେଳିଙ୍କୁ ଚୋରମାନେ ଚୋରି କରି ନେଇଛନ୍ତି। ଏନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶ୍ରୀ ଭୋଇ ଛେଳି ପାଳନ କରି ନିଜ ପରିବାର ପ୍ରତିପୋଷଣ କରୁଥିବା ବେଳେ ଏତେ ସଂଖ୍ୟକ ଛେଳି ଚୋରି ହୋଇଯିବା କାରଣରୁ ସେ ଭାଙ୍ଗିପଡିଛନ୍ତି।

## ନିଆଁ ଲାଗି ଜଳିଗଲା ଧାନ ଓ ପାଳଗଦା

କଣ୍ଟାପଡ଼ା,୧୨।୧(ସମିସ): କଣ୍ଟାପଡ଼ା ତହସିଲ ଅନ୍ତର୍ଗତ କମାର ସାହି ଗ୍ରାମରେ ଆଜି ମଧ୍ୟାହ୍ନରେ ନିଆଁ ଲାଗି ଧାନ ଓ ପାଳଗଦା ଜଳି ପାଉଁଶ ହୋଇ ଯାଇଛି। ଏହି ନିଆଁରେ ଗ୍ରାମର ବୁଲେଇ ବେହେରାଙ୍କ ବର୍ଷ ଯାକର ଧାନ ପୋଡି ପାଉଁଶ ହୋଇଯାଇଛି। ଅଡଶପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଛୋଟ ପିଲାଙ୍କ ଖେଳରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

## ଆଗ୍ରାହାଟ କପ୍ କ୍ରିକେଟ୍; ସାଇରାମ ମର୍ଣ୍ଣିଂ ବିଜୟୀ

ଚୌଦ୍ୱାର,୧୨।୧(ସମିସ): ଆଗ୍ରାହାଟ ସ୍ପୋର୍ଟସ କ୍ଲବ୍ ଖେଳ ପଡ଼ିଆରେ ରବିବାର ଠାରୁ ଆରମ୍ଭ ହୋଇଥିବା ଆଗ୍ରାହାଟ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ଖେଳ କଟକର ସାଇରାମ ମର୍ଣ୍ଣିଂ ଓ କୁରାଙ୍ଗର ୟୁନିଭର୍ସାଲ ଏଫ୍‌ସି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଖେଳ ରୋମାଞ୍ଚକର ହୋଇଥିଲା ଏଥିରେ ସାଇରାମ ମର୍ଣ୍ଣିଂ ୩ଟି ଗୋଲ କରି ବିଜୟୀ ହୋଇଥିଲା। ରେଫରି ଭାବେ ଲକି ହେମ୍ବ୍ରମ ଓ ଲାଇନ ମ୍ୟାନ ଭାବେ ଫଗୁରାମ ମୁର୍ମୁ ଓ ରାମଚନ୍ଦ୍ର ଗୋଲଡୁ ଖେଳ ପରିଚାଳନା କରିଥିଲେ। ଅକ୍ଷୟ କୁମାର ବରାଳ, ପ୍ରମୋଦ କୁମାର ପଣ୍ଡା, ଶିବ ପ୍ରସାଦ ପରିଡ଼ା,ଲୋକନାଥ ମାଝୀ କାର୍ଯ୍ୟକ୍ରମ ପରିଚାଳନାକରିଥିଲେ।ମଙ୍ଗଳବାର ଭୁବନେଶ୍ୱରର ପ୍ରତାପନଗରୀ କ୍ଲବ ଓ ଚୌଦ୍ୱାରର ୱାଇଏଫ୍‌ସି ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

## ଟ୍ରିମ୍‌ସରେ ବିବେକାନନ୍ଦ ଜୟନ୍ତୀ ଓ ଯୁବ ଦିବସ



**କଟକ,୧୨।୧(ସମିସ):** ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଥିଲା। ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଓ ଜାତୀୟ ଯୁବ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରି ବିକାଶିତ ଭାରତ ନିର୍ମାଣରେ ଯୁବଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରାରମ୍ଭରେ ବିବେକାନନ୍ଦଙ୍କ ଫଟୋଚିତ୍ର ନିକଟରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ପ୍ରଫେସର ସୁଶାନ୍ତ କୁମାର ଦାସ, 'ଡିନ୍' (ଗବେଷଣା) ଡ. ବିଶ୍ୱରଞ୍ଜନ ମହାନ୍ତି, 'ଡିନ୍' ଡ. ନୟନ ରଞ୍ଜନ ସାମଲ, ଡ. କୁମ୍ଭକର୍ଣ୍ଣ ରାଉତ, ଡା. ଦୁର୍ଗା ପ୍ରସାଦ ମିଶ୍ର, ଜାତୀୟ ସେବା ଯୋଜନା ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ପ୍ରାଧ୍ୟାପକ ଦିଲ୍ଲୀପ ମଲ୍ଲିକ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଅଧିକାରୀ ଯୋଗଦେଇଥିଲେ। ଟ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ 'ବନ୍ଦେ ମାତରଂ' ସଂଗୀତ ପରିବେଷଣ କରିଥିଲେ। ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

■ ସଡ଼କ ଦୁର୍ଘଟଣାରେ ଜଣେ ମୃତ

## କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ

ଆଠଗଡ଼,୧୨।୧(ସମିସ): ଆଠଗଡ ଥାନା ଅନ୍ତର୍ଗତ ୬୫ ନମ୍ବର ରାଜ୍ୟ ରାଜପଥ ଇଶ୍ୱରା ଗ୍ରାମ ନିକଟରେ ସେହି ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ (୬୧) ରାସ୍ତା ପାସ କରି ବିଲକୁ ଯାଉଥିବା ସମୟରେ ଗୋପୀନାଥପୁର ଗ୍ରାମର ଏକ ବୁଲେଟ୍ ଗାଡି ନଂ ଓଡି -୦୫ ବିଏନ-୫୯୬୪ ଆସି ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ଇଶ୍ୱରା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତେବେ ଉକ୍ତ ପରିବାରଙ୍କୁ କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ୬୫ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିବା ଫଳରେ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଖବର ପାଇ ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି ସହକାରୀ ଜିଲ୍ଲାପାଳ ମାନସ ବେହେରା ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ସହିତ ପରିବାରର ଜଣକୁ ଚାକିରି ଦେବା ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ପରିବାର ଲୋକଙ୍କ ଏତଲାକୁ ଭିତ୍ତି କରି ଆଠଗଡ଼ ଥାନା କେସ ନଂ ୧୧/୨୬ ଅନୁସାରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।



## ଲାଲବାହାଦୂର ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନେମାଳ,୧୨।୧(ସମିସ):** ନେମାଳ ଥାନା ସାନ୍ତପୁର ପଞ୍ଚାୟତ ଓରିକଣ୍ଠା ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟ ୫୮ତମ ବାର୍ଷିକ ଉତ୍ସବ ଓ ପୁଣ୍ୟାତ୍ମା ଲାଲବାହାଦୂର ଶାସ୍ତ୍ରୀଜୀଙ୍କ ୬୦ତମ ଶ୍ରାଦ୍ଧବାର୍ଷିକୀ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ନାୟକ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରମୋଦ ଷଡଙ୍ଗୀ, ସମ୍ମାନିତ ଅତିଥି ପ୍ରଫେସର ପଦ୍ମନାଭ ଶତପଥି, ସ୍ଥାନୀୟ ସରପଞ୍ଚ ରମାକାନ୍ତ ନାୟକ କଟକ ଜିଲ୍ଲା ଓଷ୍ଟାର ପ୍ରାକ୍ତନ ଉପସଭାପତି ବିଷ୍ଣୁ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ମତପୋଷଣ କରିଥିଲେ। ଶିକ୍ଷକ ସନାତନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ବରିଷ୍ଠ ଶିକ୍ଷକ ପ୍ରକାଶ ରଞ୍ଜନ ମୁଦୁଲି ବାର୍ଷିକ ବିବରଣୀ ପାଠ, ଶିକ୍ଷୟିତ୍ରୀ ବୈଜୟନ୍ତୀ ପରିଡ଼ା ଧନ୍ୟବାଦ ଦେଇଥିବା ବେଳେ, ପ୍ରାକ୍ତନ ପ୍ରଧାନଶିକ୍ଷକ ଭୈରବ ଚନ୍ଦ୍ର ଜେନା, କାର୍ତ୍ତିକ ଚନ୍ଦ୍ର ଦାସ, ପ୍ରାକ୍ତନ ଛାତ୍ର ବିଶ୍ୱନାଥ ଦାଶ, ଉଲ୍ଲାସ ଚନ୍ଦ୍ର ମହାନ୍ତି, ସନ୍ତୋଷ ଶତପଥି, ଦେବଧର ବେହେରା, ସଂଯୁକ୍ତା ମଲ୍ଲିକା, ସିମିରାଣୀ ବେହେରା, ପ୍ରିୟମ୍ବଦା ରାଉତ, ବିରଜା ପ୍ରସାଦ ମହାପାତ୍ର, ଧରଣୀଧର ସେଠୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବିଜ୍ଞାନମେଳାରେ ୫୫ଟି ପ୍ରକଳ୍ପ ପ୍ରଦର୍ଶିତ



**ଟିଗିରିଆ,୧୨।୧(ସମିସ):** ପରିବେଶକୁ ସୁସ୍ଥ ତଥା ସମୃଦ୍ଧ ରଖିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିନ୍ତାଧାରା ଜାଗ୍ରତ କରିବା ନିମନ୍ତେ କେନ୍ଦ୍ରୀୟ ପରିବେଶ ଶିକ୍ଷା ବିଭାଗ ପକ୍ଷରୁ ଧାରଣୀୟ ଜୀବନଧାରରେ ବିକାଶ ପାଇଁ ଏକ ବିଜ୍ଞାନମେଳା ପିଏମଶ୍ରୀ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ନୂଆପାଟଣା ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଅମର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜାଜ୍ଞସେନୀ ଗୋଛାୟତ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏହି ମେଳାରେ ବ୍ଲକର ଉଚ୍ଚ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ୫୫ଟି ପ୍ରକଳ୍ପ ଭାଗ ନେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଖଟୁଆଙ୍କ ପରିଚାଳନାରେ ଅନ୍ୟତମ ଅତିଥିଭାବେ ସହଶିକ୍ଷା ଅଧିକାରୀ ସୌଦାମିନୀ ମିଶ୍ର, ସମସ୍ତ ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ, ବିଶ୍ୱରଞ୍ଜନ ଜେନା, ଅଶୋକ ଦାସ, ଉମାଶଙ୍କର ରାଉତ, ପ୍ରଶାନ୍ତ ଘଡେଇ, ନିଶାକର ଖଟୁଆ, ମହେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ନିରାକାର ମହାପାତ୍ର ଓ ସୁଶାନ୍ତ ସାହୁ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଶିକ୍ଷକ ମାଧବଚନ୍ଦ୍ର ପାତ୍ର ଓ ଚନ୍ଦ୍ରକାନ୍ତ ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅର୍ଜ୍ଜୁନ ସୁବୁଦ୍ଧି ନୋଡାଲ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଅଭିଜିତ ସାହୁ ଏବଂ ଦ୍ୱିତୀୟସ୍ଥାନ ହାସଲ କରିଥିବା ପବିତ୍ର ମୋହନ ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ର ଅର୍ସିଲ ଅହମ୍ମଦ୍ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ସିଭ୍ରାଂଶୁ ଶେଖର ଜିଲ୍ଲାସ୍ତରୀୟ ମେଳାରେ ବ୍ଲକ ପକ୍ଷରୁ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଥିବାର ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ନୂତନ ସମିତି କାର୍ଯ୍ୟାଳୟ ଓ ଧାନମଣ୍ଡି ଉଦ୍‌ଘାଟିତ

ଟାଙ୍ଗୀ,୧୨।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ହରିଅନ୍ତା ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ସୋମବାର ଉଦଘାଟିତ ହୋଇଯାଇଛି। ସମାଜସେବୀ ନରେନ୍ଦ୍ର ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ଧାନ ମଣ୍ଡିର ଉଦଘାଟନ କରିବା ସହ ସମସ୍ତ ଚାଷୀ କିପରି ସୁବିଧାରେ ଧାନ ବିକ୍ରି କରିପାରିବେ ସେଥି ପାଇଁ ସମସ୍ତ ଅଧିକାରୀ



ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୋଫିଆ ବିବି, ସଭ୍ୟ ଶ୍ରାମନ୍ତ ଜେନା, ସମିତି ସଭାପତି ରମେଶ ଚନ୍ଦ୍ର ମୁଦୁଲି, ମୁଖ୍ୟ କାର୍ଯ୍ୟନିର୍ବାହୀ ବ୍ରଜବନ୍ଧୁ ମହାନ୍ତି ଏବଂ ନପଙ୍ଗ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଯୋଗଦେଇଥିଲେ। ଯୁବ ସମାଜସେବୀ ଗୋପାଳ ଲେଙ୍କା ପରିଚାଳନା କରିଥିବାବେଳେ ପଞ୍ଚାୟତର ସମସ୍ତ ଚାଷୀ ଯୋଗଦେଇଥିଲେ।

## ତ୍ରିଦେବଙ୍କୁ ଶିକ୍ଷାରତ୍ନ ସମ୍ମାନ



ଟାଙ୍ଗୀ,୧୨।୧(ସମିସ): ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କଟକ ଜିଲ୍ଲା ଟାଙ୍ଗୀରେ ଅବସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ଏହି ପରିପ୍ରେକ୍ଷୀରେ ଫୁଲନଖରା ଅନନ୍ତପୁର ବିଶ୍ୱଶାନ୍ତି ସରୋବର ପରିସରରେ ଅନୁଷ୍ଠିତ ଦିବ୍ୟାଲୋକ ସନ୍ଧାନରେ ରୌପ୍ୟ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ଶଶୀକାନ୍ତ ମିଶ୍ର ଓ ଶ୍ରୀମନ୍ଦିର ପୂର୍ବତନ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦେଇ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କୁ ଶିକ୍ଷାରତ୍ନ ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ ଟାଙ୍ଗୀ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, ଅଭିଭାବକ, କର୍ମଚାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଉଥିବା ଦେଖିବାକୁ ମିଳିଛି।

# ନେମାଳ ପୀଠ ଉନ୍ନତୀକରଣରେ ବିଳମ୍ବ

ସାଂସଦ ଓ ବିଧାୟକଙ୍କ ଦ୍ୱାରା କାର୍ଯ୍ୟର ସମୀକ୍ଷା

ନେମାଳ,୧୨।୧(ସମିସ):

ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପୀଠର ସାମଗ୍ରିକ ବିକାଶ ପାଇଁ ପ୍ରାୟ ଦୁଇ ବର୍ଷ ପୂର୍ବରୁ ଅର୍ଥ ଅନୁଦାନ ମଞ୍ଜୁର ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ମାତ୍ର ୨୦ ପ୍ରତିଶତ କାର୍ଯ୍ୟ ସରି ନ ଥିବା ଜଣାପଡ଼ିଛି। ୨୦୨୩ ମାର୍ଚ୍ଚ ମାସରେ ପ୍ରଥମ ପର୍ଯ୍ୟାୟରେ ୨୪ କୋଟି ୯୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ହେଲେ ନିର୍ଦ୍ଧାରିତ ୧୮ ମାସର ସମୟସୀମା ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ସଠିକ୍ ଭାବେ ଆଗକୁ ବଢ଼ିନାହିଁ। ଏପରିକି ପ୍ରକଳ୍ପ ସ୍ଥଳରେ ଏ ପର୍ଯ୍ୟନ୍ତ କୌଣସି ସୂଚନା ଫଳକ ଲଗାଯାଇ ନାହିଁ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି



ପରିପ୍ରେକ୍ଷୀରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଏବଂ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମିଳିତ ଭାବେ ନେମାଳ ପୀଠ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ ପ୍ରଥମେ ପ୍ରସ୍ତୁତ ହୋଇଥିବା ମାଷ୍ଟରପ୍ଲାନ୍ ଅନୁଯାୟୀ କାର୍ଯ୍ୟ କରାଯାଉ ନାହିଁ ଏବଂ ଏଥିରେ କେତେକ ପରିବର୍ତ୍ତନ କରାଯାଇଛି। ଓବିସିସି ଦ୍ୱାରା ପରିଚାଳିତ ଏହି ନିର୍ମାଣ କାର୍ଯ୍ୟରେ ମୁଖ୍ୟ ମନ୍ଦିର ସହ ଗୋପୀନାଥଜୀଉଙ୍କ ନୂତନ ମନ୍ଦିର, ରୋଷ ଗୃହ, ଆନନ୍ଦ ବଜାର, ଭକ୍ତ ନିବାସ ଏବଂ ସୌନ୍ଦର୍ଯ୍ୟକରଣ ଆଦି ସାମିଲ ରହିଛି। ସମୀକ୍ଷା ସମୟରେ ଉପସ୍ଥିତ କଟକ ଏଡିଏମ୍, ଉପଜିଲ୍ଲାପାଳ ଏବଂ ସଂପୃକ୍ତ ଯନ୍ତ୍ରୀମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଂସଦ ଶ୍ରୀ ମହତାବ ଏବଂ ଦୁଇ ବିଧାୟକ ପୀଠକୁ ସଂଲଗ୍ନ କରୁଥିବା ରାସ୍ତାକୁ ଜବରଦଖଲ ମୁକ୍ତ କରିବା ଏବଂ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପ୍ରକ୍ରିୟା ଶୀଘ୍ର ସାରିବାକୁ ଅଧିକାରୀଙ୍କୁ କହିଛନ୍ତି। କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ସହ ଖୁବ୍ ଶୀଘ୍ର ପୀଠର ରୂପରେଖ ବଦଳିଯିବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି।

## କିଶନନଗର ଧାନ ମଣ୍ଡି ଖୋଲିଲା



**କିଶନନଗର, ୧୨।୧(ସମିସ):** କଟକ କେନ୍ଦ୍ର ବ୍ୟାଙ୍କ ଅଧିନସ୍ଥ କିଶନନଗର କୃଷକ ସେବା ସମବାୟ ସମିତି ପକ୍ଷରୁ ସଭାପତି ବିରଞ୍ଚି ନାରାୟଣ ପଣ୍ଡାଙ୍କ ପୌରୋହିତ୍ୟରେ ଆଜି ସୋମବାର ଦିନ କିଶନନଗର ଠାରେ ଧାନ ମଣ୍ଡି ଉଦଘାଟନ ହୋଇଯାଇଛି। ଏହାକୁ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, କିଶନନଗର ତହସିଲଦାର କ୍ଷୀରୋଦ କୁମାର ଦାଶଙ୍କ ସମେତ ସଦର ବ୍ଲକ ଆମ୍ରା ସଭାପତି ରମା ପ୍ରସାଦ ବିଶ୍ୱାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସାଧୁ ଚରଣ ଜେନା, ସରପଞ୍ଚ ସୁଜାତା ସେଠୀ ପ୍ରମୁଖ ଉଦଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ଚିତ୍ତରଞ୍ଜନ ସାହୁ, ସମିତି ଉପସଭାପତି ବାବୁଲାଲ ନାୟକ, ହୃଦାନନ୍ଦ ହୋତା, ସୁରେଶ ବିଶୋଇ, ଦେବେନ୍ଦ୍ର ଜେନା, ରମେଶ ବିଷୋୟୀ, ଅରବିନ୍ଦ ବିଶୋଇ, ଦିଲ୍ଲୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସମିତି ସମ୍ପାଦକ ଚନ୍ଦ୍ର ଶେଖର ରାଉତ ଧନ୍ୟବାଦ ଦେଇଥିଲେ। ଉକ୍ତ ମଣ୍ଡିରେ ଚଳିତବର୍ଷ ୫୬୧ ଜଣ ଚାଷୀଙ୍କ ଠାରୁ ୨୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ଆଜି ଉଦଘାଟନ ଦିବସରେ ୮ ଜଣ ଚାଷୀଙ୍କ ଠାରୁ ୪୬୦ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଜଣାପଡ଼ିଛି।

## ଧାନମଣ୍ଡି ଉଦ୍‌ଘାଟିତ

**ଆଠଗଡ଼, ୧୨।୧(ସମିସ):** ସୋମବାର ଆଠଗଡ଼ ବ୍ଲକ ଅନ୍ତର୍ଗତ ଛଅଗାଁ ସେବା ସମବାୟ ସମିତି ଲିଃ ଆନୁକୂଲ୍ୟରେ ଚଳିତ ବର୍ଷର ଖରିଫ୍ ଧାନମଣ୍ଡି କୁମାରପୁର ଗ୍ରାମର ଶନିପଡ଼ିଆ ଠାରେ ଉଦଘାଟିତ ହୋଇଛି। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦ୍ୱାରା ଏହି ମଣ୍ଡି ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଠଗଡ଼ ସହକାରୀ



ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡ଼ା, ଆଠଗଡ଼ ସହକାରୀ ସମବାୟ ନିବନ୍ଧକ ଯଦୁମଣୀ ନାୟକ, କୁମାରପୁର ରାଜସ୍ୱ ନିରୀକ୍ଷକ ସତ୍ୟଜିତ୍ ପଣ୍ଡା, ଛଅଗାଁ ସରପଞ୍ଚ ତୁଷାର ସାହୁ, ସମିତିସଭ୍ୟ କାର୍ତ୍ତିକ ରାଉତ, ଆଠଗଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ଛଅଗାଁ ସେବା ସମବାୟ ସମିତିର ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ନିରାକାର ସେଠୀ, ସହ ସମ୍ପାଦକ ମହେନ୍ଦ୍ର ବେହେରା, ଡାଟା ଏଣ୍ଟ୍ରି ଅପରେଟର ଭବାନୀ ଶଙ୍କର ସାହୁ ଏବଂ ଛଅଗାଁ ଅଞ୍ଚଳର ବହୁ ଚାଷୀ ଯୋଗଦେଇଥିଲେ। ମୋଟ ୧୨ ଜଣ ଚାଷୀଙ୍କ ଠାରୁ ୩୯୪ କ୍ୱିଣ୍ଟାଲ୍ ୯୯ କେଜି ଧାନ ସଂଗ୍ରହ କରାଯାଇଥିଲା। ଅନ୍ୟ ଚାଷୀଙ୍କର ଟୋକନ ଆସିଲେ ପୁନର୍ବାର ଧାନ କ୍ରୟ କରାଯିବ ବୋଲି ସମବାୟ ସମିତି ପକ୍ଷରୁ ଜଣାପଡ଼ିଛି।

## ନାରୀ ଜାଗରଣ ସଂଘରେ ଜାତୀୟ ଯୁବ ଦିବସ




**ନିଶ୍ଚିନ୍ତକୋଇଲି, ୧୨।୧(ସମିସ):** ନିଶ୍ଚିନ୍ତକୋଇଲିର ଅଗ୍ରଣୀ ମହିଳା ସଂଗଠନ ନାରୀ ଜାଗରଣ ସଂଘ ଆନୁକୂଲ୍ୟରେ ପ୍ରଖ୍ୟାତ ସନ୍ଥ, ଦାର୍ଶନିକ, ଆଧ୍ୟାତ୍ମିକ ଦିଗ୍‌ଦର୍ଶକ, ହିନ୍ଦୁଧର୍ମର ପ୍ରଚାରକ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ସଂଘର ସମ୍ପାଦିକା ସବିତା ଶତପଥିଙ୍କ ପୌରୋହିତ୍ୟରେ ଏଥିରେ ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ସାହୁ, ମହିଳା ନେତ୍ରୀ ରଶ୍ମିତା ଚାନ୍ଦ, ନଳିନୀପ୍ରଭା ଦାସ, ତପସ୍ୱିନୀ ଦେବୀ, ଶ୍ୟାମସୁନ୍ଦର ଦାସ, ପ୍ରିୟରଞ୍ଜନ ଶତପଥି, ରଣଜିତ୍ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ଦେଶ ଗଠନରେ ଯୁବପିଢ଼ୀମାନଙ୍କର ଭୂମିକା ସଂକ୍ରାନ୍ତରେ ପ୍ରେରଣା ଦିଆଯାଇଥିଲା। ଅନ୍ନପୂର୍ଣ୍ଣା ସାହୁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ




**ମାହାଙ୍ଗା, ୧୨।୧(ସମିସ):** ପଲ୍ଲୀ ସାହି ସ୍ଥିତ ମାହାଙ୍ଗା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଶିବିର ଉଦଯାପିତ ହୋଇଯାଇଛି। ସାତଦିନ ଧରି ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଯାପନୀ ସଭାରେ ଅଧ୍ୟକ୍ଷ ପ୍ରଫେସର ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରି ଶିବିରାର୍ଥୀଙ୍କୁ ଛାତ୍ର ସମାଜରେ ସ୍ୱେଚ୍ଛାସେବୀର ଭୂମିକା ଓ ନୈତିକ ମୂଲ୍ୟବୋଧ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରିଥିଲେ। ଏହି ଶିବିରର ବିଭିନ୍ନ ଦିବସରେ ସଫେଇ, ପରିବେଶ ସୁରକ୍ଷା, ନିଶାନିବାରଣ, ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତା ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ନୃତ୍ୟ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ପ୍ରୋଗ୍ରାମ ଅଫିସର ତାନଜିମ ତଲତ ପରିଚାଳନା କରିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ସାହୁ, ଅଧ୍ୟାପିକା ପ୍ରମିଳା ରାଉତ, ପୁଷ୍ପାଞ୍ଜଳି ଶତପଥୀ, ବନୀତା ବରାଳ, ସସ୍ମିତା ସେଠୀ, ଅଧ୍ୟାପକ ଶରତ ବେହେରା, ବୀରବର ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ଫରଜାନା ଅଞ୍ଜୁମ ଧନ୍ୟବାଦ ଦେଇଥିଲେ।

### ଦୁର୍ନୀତିର ଚରମ ସୀମାରେ ମାହାଙ୍ଗା ପୂର୍ତ୍ତ ବିଭାଗ

# ୩୦ ଲକ୍ଷର ପିଚୁ କାର୍ଯ୍ୟ ୩ ଦିନରେ ନଷ୍ଟ



**ଯନ୍ତ୍ରୀ ନୀରବଦ୍ରଷ୍ଟା**

**ଭଦ୍ରେଶ୍ୱର, ୧୨।୧(ସମିସ):** କଟକ ଜିଲ୍ଲା ମାହାଙ୍ଗା ପୂର୍ତ୍ତ ବିଭାଗ ଅଧୀନରେ ଠିକାଦାର ପୋଷଣ ଏବଂ ନେତାଙ୍କ ଅନୁଗତଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିମ୍ନମାନର କାର୍ଯ୍ୟ ଚାଲିଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। ସାଲେପୁର ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି-ଲଳିତଗିରି ରାସ୍ତାର ଉମର ରଥ ଦାଣ୍ଡକୁ ଫେବର୍ ପିଚୁ ଦ୍ୱାରା ମରାମତି କରାଯାଇଥିଲା। ପ୍ରାୟ ୧ ହଜାର ମିଟରରୁ ଊର୍ଦ୍ଧ୍ୱ ଏହି ରାସ୍ତା କାର୍ଯ୍ୟ ପାଇଁ ୩୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ, ନିର୍ମାଣର ମାତ୍ର ୨୪ ଘଣ୍ଟା ପରେ ରାସ୍ତାରୁ ପିଚୁ ଓ ଗୋଡ଼ି ଉଠିବା ଆରମ୍ଭ କରିଛି। ଠିକାଦାର ପକ୍ଷରୁ ଝାଡୁ ମାରି ବାହାରୁଥିବା ଗୋଡ଼ିକୁ ଲୁଚାଇବାକୁ ଚେଷ୍ଟା କରାଯାଇଥିଲେ ହେଁ ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି, ଯାହା ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏହି ମହାଘୋଟାଲା ପଛରେ ବିଭାଗୀୟ ଯନ୍ତ୍ରୀ ଏବଂ ସ୍ଥାନୀୟ ପ୍ରଭାବଶାଳୀ ରାଜନେତାଙ୍କ ସଲାସୁତରା ଥିବା ସନ୍ଦେହ କରାଯାଉଛି। ଅଭିଯୋଗ ଅନୁଯାୟୀ, ସାଲେପୁର ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁର୍ନୀତିର ଗୁମର ଫିଟିବା ଭୟରେ କାର୍ଯ୍ୟ ସମ୍ପର୍କିତ କୌଣସି ତଥ୍ୟ ପ୍ରଦାନ କରୁନାହାନ୍ତି। ଏପରିକି ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଗଲେ ମଧ୍ୟ ସେ ଫୋନ୍ ଉଠାଉ ନ ଥିବା ଜଣାପଡ଼ିଛି। ସ୍ଥାନୀୟ ରାଜନେତାଙ୍କ ଛତ୍ରଛାୟା ତଳେ ରହି ଠିକାଦାର ନିମ୍ନମାନର କାର୍ଯ୍ୟ କରିବା ସହ ସରକାରୀ ଅର୍ଥକୁ ଆତ୍ମସାତ କରୁଥିବା ବେଳେ ଯନ୍ତ୍ରୀ ଜଣକ ନୀରବ ରହି ତାଙ୍କୁ ସୁରକ୍ଷା ଯୋଗାଉଛନ୍ତି। ରାସ୍ତାର ଏଭଳି ବିକଳ ଚିତ୍ର ବିକାଶର ନଗ୍ନ ରୂପକୁ ପ୍ରକାଶ କରୁଥିବା ବେଳେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଠିକାଦାର କାମ ସାରି ଛୁ ମାରିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁନାହିଁ। ଏହି ଘଟଣାରେ ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଠିକାଦାର ଓ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସରକାରୀ ଅର୍ଥର ଅପବ୍ୟୟ ଓ ନିମ୍ନମାନର ନିର୍ମାଣ କାର୍ଯ୍ୟ ପାଇଁ ବିଭାଗ କିଭଳି ଦାୟୀ ରହିବ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନେତାଜୀ ଜୟନ୍ତୀ କମିଟି ପକ୍ଷରୁ ପ୍ରତିଯୋଗିତା

**କଟକ, ୧୨।୧(ସମିସ):** ମହାନ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୩୦ତମ ଜୟନ୍ତୀ ଉପଲକ୍ଷେ 'ସାରା ଓଡ଼ିଶା ନେତାଜୀ ସୁଭାଷ ଜୟନ୍ତୀ କମିଟି', କଟକ ଜିଲ୍ଲା ଶାଖା ପକ୍ଷରୁ ଏକ ବିଶାଳ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କବିତା ଆବୃତ୍ତି, ପ୍ରବନ୍ଧ ଲିଖନ ଏବଂ ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମିଟିର ଜିଲ୍ଲା ସଭାପତି ଡ. ଦେବାଶିଷ ଆଚାର୍ଯ୍ୟ ଏବଂ ସମ୍ପାଦକ ବବି ବଳବନ୍ତରାୟ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏଥି ସହ ଶିକ୍ଷାବିତ ଡ. ଜୟଶ୍ରୀ ଷଡଙ୍ଗୀ, ରଞ୍ଜନ ଲେଙ୍କା, ଡ. ସିଦ୍ଧାର୍ଥ ଭରଦ୍ୱାଜ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଆସନ୍ତା ଫେବୃୟାରୀ ୭ ତାରିଖ ଅପରାହ୍ନ ୫ଟା ସମୟରେ କଟକ ଟାଉନହଲ୍‌ଠାରେ ଆୟୋଜିତ ଏକ ସାଧାରଣ ସଭାରେ ପୁରସ୍କୃତ କରାଯିବ। ଏହାସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମଧ୍ୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ଘୋଷଣା କରାଯାଇଛି। କୋଷାଧ୍ୟକ୍ଷ ବିନୋଦ ସେଠୀ ଏବଂ ସମସ୍ତ କର୍ମକର୍ତ୍ତା ଏହି ଆୟୋଜନକୁ ସଫଳ କରିବାରେ ସହଯୋଗ କରିଛନ୍ତି।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ବିବାହ ସମ୍ପର୍କିତ ନିଷ୍ପତ୍ତିରେ ସାବାଳିକା ଝିଅର ସମ୍ମତି ନିଆଯିବା ଉଚିତ

**କଟକ,୧୨।୧(ସମିସ):** ବାଧ୍ୟତାମୂଳକ ବିବାହକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପରିବାର ତଥା ଅଭିଭାବକଙ୍କ ପକ୍ଷରୁ ବିବାହ ଭଳି ସାମାଜିକ ବନ୍ଧନ ନେଇ କୌଣସି ନିଷ୍ପତ୍ତି ନିଆଯିବା ପୂର୍ବରୁ ଜଣେ ସାବାଳିକା ଝିଅର ନିଷ୍ପତ୍ତି ହିଁ ସର୍ବୋପରି ଏବଂ ତାଙ୍କର ସମ୍ମତି ନିହାତି ଆବଶ୍ୟକ। ବିଶେଷକରି ଜବରଦସ୍ତି ବିବାହ କରାଇବା ଏକ ସୁସ୍ଥ ସମାଜ ପାଇଁ ଅନୁକୂଳ ନୁହେଁ। ପିତାମାତା ସେମାନଙ୍କ ନିଷ୍ପତ୍ତି ଯେଭଳି ଜଣେ ପ୍ରାପ୍ତବୟସ୍କା ଝିଅ ଉପରେ ନ ଲଦିବେ, ସେନେଇ ପ୍ରଶାସନ ସଚେତନତା କାର୍ଯ୍ୟକ୍ରମ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଝିଅ ନିଖୋଜ ଥିବା ଅଭିଯୋଗ ନେଇ ବାପାଙ୍କ ତରଫରୁ ଦାୟର ଏକ ପିଟିସନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ କାକଟପୁର ଅଞ୍ଚଳର ଝିଅ ନିଖୋଜ ଥିବା ନେଇ ବାପା ଅଭିଯୋଗ କରିଥିଲେ। ଏହା ପରେ ନିଖୋଜ ଝିଅକୁ ଉଦ୍ଧାର ପାଇଁ ବାପା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୋବାଇଲ ନମ୍ବରରୁ ଝିଅକୁ ଠାବ କରି ପୁଲିସ ଯୋଗାଯୋଗ କରିଥିଲା। ଝିଅ ନିଜ ଇଚ୍ଛାରେ ରାଜ୍ୟ ବାହାରକୁ ଯାଇ ଏକ ସଂସ୍ଥାରେ କାର୍ଯ୍ୟ କରୁଥିବା ନେଇ ପୁଲିସକୁ ଅବଗତ କରିଥିଲା। ଏହାପରେ ହାଇକୋର୍ଟ ଝିଅକୁ ବ୍ୟକ୍ତିଗତ ଭାବେ ହାଜର କରାଇବା ପାଇଁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଝିଅ ଜଣକ ହାଜର ହୋଇ କହିଥିଲେ ଯେ, ତାଙ୍କ ସମ୍ମତି ବିନା ଜୋର ଜବରଦସ୍ତ ବିବାହ ଦିଆଯାଇଥିଲା। ସେ ଏବେ ପ୍ରାପ୍ତବୟସ୍କା ଏବଂ ରୋଜଗାରକ୍ଷମ ହୋଇଥିବାରୁ ସ୍ୱାମୀ କିମ୍ବା ପରିବାର ସହ ରହିବାକୁ ଚାହୁଁନାହାନ୍ତି ବୋଲି ସ୍ପଷ୍ଟ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅମୀୟ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ରଘୁନାଥଜିଉ ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




**କଟକ, ୧୨।୧(ସମିସ):** କଟକ ସ୍ଥିତ ରଘୁନାଥଜିଉ ସ୍ନାତକ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଧିବଦ୍ଧ ଭାବେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଶିକ୍ଷାବିତ ଜଗବନ୍ଧୁ ମିଶ୍ର ଏବଂ ପ୍ରଫେସର ନାରାୟଣ ମହାନ୍ତି ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ବର୍ତ୍ତମାନର ସମାଜରେ ନାରୀ ସୁରକ୍ଷା ପାଇଁ ଏଭଳି ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଏବଂ ଅଧ୍ୟାପକ ଡ. ସରୋଜ ଦାଶ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକସ୍ତରରେ ସୁଦୃଢ଼ ହେବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ନିହାର ରଞ୍ଜନ ରଥ, ଅମ୍ରିତ ଲେଙ୍କା ଏବଂ ନୋଡାଲ ଅଫିସର ଚନ୍ଦନା ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶିକ୍ଷିକା ଏଲିନା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯାଉଛି। କାର୍ଯ୍ୟକ୍ରମରେ ଆତ୍ମରକ୍ଷା କ୍ଲବର ସଭ୍ୟା ସିଦ୍ଧି ଶତପଥି ମଧ୍ୟ ସହଯୋଗ କରୁଛନ୍ତି।

## କୁଡୋ ଓଡ଼ିଶାର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍‌ବେଲ୍ଟ ପରୀକ୍ଷା



**କଟକ, ୧୨।୧(ସମିସ):** କୁଡୋ ଆସୋସିଏସନ୍ ଅଫ୍ ଓଡ଼ିଶା ତରଫରୁ ବେଲ୍‌ଗଛିଆ, ତ୍ରିଶୁଳିଆଠାରେ ଥିବା ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ଠାରେ ତିନିଦିନିଆ ସପ୍ତମ ରାଜ୍ୟସ୍ତରୀୟ କୁଡୋ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍‌ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରଶିକ୍ଷଣ ଶିବିରରେ କୁଡୋ ଇଣ୍ଡିଆର ମୁଖ୍ୟ ସୋସିହାନ ମେହୁଲ୍ ଭୋରା ଓ ରେନ୍‌ସି ପ୍ରିୟଙ୍କ ରାନା ଉପସ୍ଥିତ ରହି ପ୍ରଶିକ୍ଷଣ ଓ ପରୀକ୍ଷାକୁ ପରିଚାଳନା କରିଥିଲେ। ଅନୁଷ୍ଠିତ ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୦୦ରୁ ଊର୍ଦ୍ଧ୍ୱ ପିଲା ସାମିଲ ହୋଇଥିଲେ। ଏହାର ଅନ୍ତିମ ଦିନରେ ବ୍ଲାକ୍‌ବେଲ୍ଟ (ଡ଼ାନ୍) ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୪ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିଲେ। କୁଡୋ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ସୋସିହାନ ମେହୁଲ୍ ଭୋରା ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କୁ ବ୍ଲାକ୍‌ବେଲ୍ଟ ପ୍ରଦାନ କରିଥିଲେ। ଏହି ଶିବିରରେ ୭ଜଣ ନୂତନ କୁଡୋକା ରେଫରି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଚେୟାର୍‌ମ୍ୟାନ୍ ଡ. ଦେବଦତ୍ତ ସ୍ୱାଇଁ, କଳାବିକାଶ କେନ୍ଦ୍ରର ସଭାପତି ଏବଂ କୁଡୋ ଓଡ଼ିଶାର ମୁଖ୍ୟ ପରାମର୍ଶ ଦାତା ଡ. ବିଜୟାନନ୍ଦ ସିଂହ, ଓଡ଼ିଶାର ମୁଖ୍ୟ ପ୍ରଶିକ୍ଷକ ସିହାନ୍ ନିତାଇ ଶଙ୍କର ଗୁଇଁ ଓ କୁଡୋ ଓଡ଼ିଶାର ସଭାପତି ଶିବାଶିଷ କର ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଅଭିନନ୍ଦନ ଜଣାଇଥିଲେ।

### ଗଦାଧରପୁର କପ୍ କ୍ରିକେଟ

## ସେମିରେ ବିଏନ୍‌ସିସି ଜଗତସିଂହପୁର

**ତିଗିରିଆ, ୧୨।୧(ସମିସ):** ତିଗିରିଆ ବ୍ଲକ ଅଧୀନ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୩୫ତମ ଗଦାଧରପୁର କପ କ୍ରିକେଟ ପ୍ରତିଯୋଗିତାର ଆଜିର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ



ଯାଜପୁର, ଛତିଆର ଏସଏମସିସି କ୍ରିକେଟ କ୍ଲବକୁ ୪୩ ରନରେ ପରାସ୍ତ କରି ଜଗତସିଂହପୁରର ବିଏନସିସି କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଜଗତସିଂହପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ ହରାଇ ୨୯୫ ରନ ସଂଗ୍ରହ କରିଥିଲେ। ଜବାବରେ ଯାଜପୁର ଦଳ ନିର୍ଦ୍ଧାରିତ ଓଭରରେ ୬ଟି ୱିକେଟ ହରାଇ ମାତ୍ର ୨୫୨ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ବ୍ୟାଟିଂରେ ବିଜୟୀ ଜଗତସିଂହପୁର ଦଳର ଖେଳାଳୀ ମୃତ୍ୟୁଞ୍ଜୟ ମାନସିଂହ ୨୮ ବଲରୁ ବିସ୍ଫୋରକ ୭୭ ରନର ଇଂନିସ ଖେଳି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଖେଳରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁରେଶ ଚୌଧୁରୀ, ୱାର୍ଡ ସଭ୍ୟ ସୁଦାମ ଚରଣ ରାଉତ ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରଶ୍ମିରଞ୍ଜନ ରାଉତ, ମାନସ ବାରିକ ଓ ନରେଶ ରାଉତ ପରିଚାଳନା କରିଥିଲେ। ଶରତ ରାଉତ, ସରୋଜ ରାଉତ, ବିଭୂତି ଭୂଷଣ ସ୍ୱାଇଁ, ବାମଦେବ ସ୍ୱାଇଁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

### ଉରାଳୀ ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ସାଭେଜ୍ ହଣ୍ଟରକୁ ହରାଇ ଉରାଳୀ ଟାଇଗର ଚାମ୍ପିଅନ




**ଫୁଲନଖରା, ୧୨।୧(ସମିସ):** ଉରାଳୀ କ୍ରିକେଟ୍ ଗ୍ରାଉଣ୍ଡରେ ଏକାଦଶତମ ଉରାଳୀ ପ୍ରିମିୟର କ୍ରିକେଟ୍ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ତ୍ରିଦିବସ ବ୍ୟାପୀ ଅନୁଷ୍ଠିତ ଉକ୍ତ ଲିଗ୍ ମ୍ୟାଚ୍‌କୁ ସ୍ଥାନୀୟ ସରପଞ୍ଚ ଇଂ ଅଭିଷେକ ବେହେରା ଉଦ୍‌ଘାଟନ କରିବା ସହ ଭାଇଚାରା ଓ ବନ୍ଧୁତ୍ୱ ଭିତରେ ଖେଳ ପ୍ରଦର୍ଶନ କରିବା ପାଇଁ ଖେଳାଳୀଙ୍କୁ ପରାମର୍ଶ ଦେଇଥିଲେ। ୟୁନିଭର୍ସ-୧୧, ଉରାଳୀ ଟାଇଗର ଓ ସାଭେଜ୍ ହଣ୍ଟରକୁ ନେଇ ଲିଗ୍ ପର୍ଯ୍ୟାୟ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଅଧିକ ପଏଣ୍ଟରେ ସାଭେଜ୍ ହଣ୍ଟର ଓ ଉରାଳୀ ଟାଇଗର ମଧ୍ୟରେ ଫାଇନାଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ଚୁଡାନ୍ତ ପର୍ଯ୍ୟାୟରେ ସାଭେଜ୍ ହଣ୍ଟରକୁ ହରାଇ ଉରାଳୀ ଟାଇଗର ବିଜେତା ହେବା ସଙ୍ଗେ ସଙ୍ଗେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ରଣଜିତ୍ କୁଣ୍ଡୁ ଓ ବିଶ୍ୱବିହାରୀ ଜେନା ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ ପ୍ରିମିୟର ଲିଗ୍ ଆନନ୍ଦ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ସମ୍ପାଦିତ ହୋଇଥିଲା।

## ବଡ଼ମ୍ବା ଏନ୍‌ଏସି ଅଫିସ୍ ଉଦ୍‌ଘାଟିତ



**ବଡମ୍ବା, ୧୨।୧(ସମିସ):** ବଡ଼ମ୍ବା ବ୍ଲକ ପରିସରରେ ନିର୍ମିତ ନୂତନ ବଡ଼ମ୍ବା ଏନଏସି ଅଫିସ ଆଜି ଲୋକାର୍ପିତ ହୋଇଛି। ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବଡ଼ମ୍ବା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରଘୁପତି ମହାନ୍ତି ଉପସ୍ଥିତ ଥିଲେ।

### ଖୋଲିନି ସବୁ ମଣ୍ଡି

## ଜିଲ୍ଲାରେ ମାତ୍ର ୪ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ

**କଟକ, ୧୨।୧(ସମିସ):** ଗୋଟିଏ ପଟରେ ଚଳିତ ଖରିଫ ଋତୁରେ ସମସ୍ତ ମଣ୍ଡି ଜାନୁଆରୀ ୧୦ ତାରିଖ ସୁଦ୍ଧା ଖୋଲିବ ବୋଲି ବିଭାଗୀୟ ମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ଆଜି ସୁଦ୍ଧା କଟକ ଜିଲ୍ଲାରେ ଧାନ ସଂଗ୍ରହ ସମସ୍ତ ମଣ୍ଡିରେ ଆରମ୍ଭ ହୋଇପାରି ନ ଥିବା ଜଣାପଡ଼ିଛି। ଯୋଗାଣ ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୪ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇପାରିଛି। ମୋଟ ୬୮ ହଜାର ୨୦୦ ଚାଷୀଙ୍କ ଯାଞ୍ଚ ସରି ଟୋକନ ପ୍ରଦାନ କରାଯାଇଥିବା ବେଳେ ଅଦ୍ୟାବଧି ମାତ୍ର ୨୫ଟି ଧାନ ମଣ୍ଡିରେ ଧାନ ସଂଗ୍ରହ କରାଯାଇପାରିଥିବା ଜଣାପଡ଼ିଛି। ଜିଲ୍ଲାରେ ଖୋଲିବାକୁ ଥିବା ୨୧୩ଟି ଧାନ ମଣ୍ଡିରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରି ନେଇ ଆଶଙ୍କାରେ ରହିଛନ୍ତି। ଧାନ ସଂଗ୍ରହ ପାଇଁ ସରକାର ଆସନ୍ତା ମାର୍ଚ୍ଚ ୩୧କୁ ଡେଡଲାଇନ ଧାର୍ଯ୍ୟ କରିଛନ୍ତି। ସେହିଭଳି ଟୋକନ ଅବଧି ୩୦ ଦିନ ରହୁଥିବା ବେଳେ ଏହି ଅବଧି ମଧ୍ୟରେ ଚାଷୀ ଧାନ ବିକ୍ରି କରି ନ ପାରିଲେ ଟୋକନ ଅକାମୀ ହୋଇଯିବାର ନିୟମ ରହିଛି। ନିର୍ଦ୍ଧାରିତ ସମୟରେ ଧାନ ମଣ୍ଡି ଗୁଡିକ ନ ଖୋଲିବା କାରଣରୁ ଏଭଳି ଆଶଙ୍କା ଉପୁଜିଛି। ଜିଲ୍ଲାରେ ମୋଟ ୭୦ ହଜାର ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ଠାରୁ ୧୨ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଖୋଟ ଅଖାରେ ଧାନ ବିକ୍ରି କରିବାର ନିୟମ ରହିଥିବାରୁ ଏହି ଅଖା ମଧ୍ୟ ଚାଷୀଙ୍କୁ ମିଳିପାରୁନାହିଁ। ଏଫଏକ୍ୟୁ ମାନର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଓ ଚାଷୀଙ୍କୁ ବୋନସ ବାବଦରେ କ୍ୱିଣ୍ଟାଲ ପ୍ରତି ୩୧୭୦ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ବେପାରୀମାନେ ଏବେ କ୍ୱିଣ୍ଟାଲ ପ୍ରତି ମାତ୍ର ୧୭୦୦ ରୁ ୧୭୫୦ ଟଙ୍କାରେ କିଣୁଥିବା ଜଣାପଡ଼ିଛି।

## ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ସାଲେପୁର, ୧୨।୧(ସମିସ):** ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଶାସକ ପ୍ରଶାନ୍ତ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ନ୍ୟାୟାଧିଶ ତଥା ରାଜ୍ୟ ବିଧିଆୟୁକ୍ତର ଅଧ୍ୟକ୍ଷ ବିଚାରପତି ବିଶ୍ୱନାଥ ରଥ ଯୋଗଦେଇ ଶିଶୁ ଶିକ୍ଷାରେ ଦେଶାତ୍ମବୋଧ, ସମାଜ ସଂସ୍କୃତି ଓ ଆଧ୍ୟାତ୍ମିକ ବୋଧ ଜାଗ୍ରତ ହେଲେ ଆମ ଦେଶ ଭାରତ ବିଶ୍ୱଗୁରୁ ହେବାର ମାର୍ଗ ସହଜ ହେବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ତାରକା ଅରିନ୍ଦମ ରାୟ, ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତିର ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଶାସନିକ ସଦସ୍ୟ ସଞ୍ଜୟ ଦଳାଇ ଅତିଥି



ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ମୁଖପତ୍ର 'ମନିଷା' ଉନ୍ମୋଚନ ହୋଇଥିଲାବେଳେ ପ୍ରଶାସନିକ ସଦସ୍ୟ ରମାକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ସାଲେପୁର ଅଞ୍ଚଳର ଅନେକ ବ୍ୟକ୍ତି ବିଶେଷ, ଶିକ୍ଷାପ୍ରେମୀ ଅଭିଭାବକ, ଅଭିଭାବିକା ଉପସ୍ଥିତ ରହି ଶିଶୁମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉତ୍ସାହର ସହ ଦେଖିଥିଲେ। ଶେଷରେ କୃତି କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା।

